# ସରିଲା ଖରାଛୁଟି, ଆଜିଠୁ ପାଠପଢ଼ା

**ଭୁବନେଶ୍ୱର,୧୮।୬/ଏନ୍‌ଏନ୍‌ଏସ୍‌:**

ଆସନ୍ତାକାଲି ରାଜ୍ୟର ସମସ୍ତ ସ୍କୁଲ, କଲେଜ ଖୋଲିବା ସହ ପାଠପଢ଼ା ଆରମ୍ଭ ହେବ। ତେବେ ବର୍ତ୍ତମାନ ବିଭିନ୍ନ କଲେଜରେ +୨ ନାମଲେଖା ପ୍ରକ୍ରିୟା ଚାଲିଥିବାରୁ +୨ ଦ୍ୱିତୀୟ ବର୍ଷ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେବାର ଆଶଙ୍କା ରହିଛି। ମାତ୍ର ରାଜ୍ୟର ସମସ୍ତ ପ୍ରାଥମିକ, ଉଚ୍ଚପ୍ରାଥମିକ ସ୍କୁଲରେ ପାଠପଢ଼ା କାଲିଠାରୁ ଆରମ୍ଭ ହେବ। ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଗତ ଏପ୍ରିଲ ୨୫ତାରିଖରୁ ସମସ୍ତ ସ୍କୁଲକୁ ଛୁଟି ଘୋଷଣା କରାଯାଇଥିଲା। ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବାରୁ ୭ ଦିନ ପୂର୍ବରୁ ଗ୍ରୀଷ୍ମଛୁଟି ହୋଇଯାଇଥିଲା। ଅପରପକ୍ଷେ ଏନେଇ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ଯେଉଁ କ୍ଷତି ହୋଇଛି, ସେଥିପାଇଁ ସ୍କୁଲ ଖୋଲିବା ପରେ ଅତିରିକ୍ତ କ୍ଲାସ୍ କରାଯାଇ ତାହାକୁ ଭରଣା କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୧ସପ୍ତାହ ମଧ୍ୟରେ ସମସ୍ତ ପିଲାଙ୍କ ପାଖରେ ମାଗଣା ପାଠ୍ୟ ପୁସ୍ତକ ପହଞ୍ଚିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।